**ଭାରତ ସଂଘ ଏବଂ ଅନ୍ୟଜଣେ**

**ବନାମ**

**ଶ୍ରୀ ରିସାଲ ସିଂହ**

**ଏପ୍ରିଲ 29, 1997**

**[କେ. ରାମସ୍ୱାମୀ, ଏସ୍. ସାଗିର ଅହମ୍ମଦ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]**

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ବିଚାରାର୍ଥେ ପ୍ରେରଣ ହୋଇଥିବା ନ୍ୟାୟାଳୟଙ୍କ ଦ୍ୱାରା ବର୍ଦ୍ଧିତ କ୍ଷତିପୂରଣ — ଉଚ୍ଚ ନ୍ୟାୟାଳୟ ଏକ ସାଧାରଣ ରାୟ ମାଧ୍ୟମରେ ସମସ୍ତ ଅପିଲର ଫଏସଲା କରିଥିଲେ — କ୍ଷତିପୂରଣ ରାଶି ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲାରେ ଅପିଲ କରାଯାଇଥିଲା — ଏହା ନିର୍ଣ୍ଣୟ ନିଆଗଲା ଯେ, ଯେହେତୁ ଅନ୍ୟ ସମସ୍ତ ଅପିଲର ରାୟ ଚୂଡ଼ାନ୍ତ ହୋଇସାରିଛି, ତେଣୁ କେବଳ ଗୋଟିଏ ମାମଲାରେ କ୍ଷତିପୂରଣ ହ୍ରାସ କରିବା ପ୍ରଶ୍ନ ଉପରେ ବିଚାର କରିବାର ଆବଶ୍ୟକତା ନାହିଁ — ଅପିଲଟିକୁ ଏହି ସର୍ତ୍ତରେ ଖାରଜ କରାଗଲା ଯେ, ଯଦି ଅନ୍ୟ ସମସ୍ତ ମାମଲା ବିରୁଦ୍ଧରେ ମଧ୍ୟ ଅପିଲ୍ କରାଯାଇଛି ବୋଲି ଦର୍ଶାଯାଏ, ତେବେ ରାୟର ପୁନର୍ବିଚାର ପାଇଁ ଆବେଦନ କରିବାକୁ ସ୍ୱାଧୀନତା ରହିବ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 3572/1997 ।

ଆର୍.ଏଫ୍.ଏ ସଂଖ୍ୟା 203/1991 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 30.10.91 ର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀମାନଙ୍କ ପକ୍ଷରୁ କେ. ଲାହିରୀ, ୱାଇ.ପି. ମହାଜନ ଏବଂ ଏସ୍.ଏନ୍. ତେର୍‌ଦୋଲ୍ ।

ଉତ୍ତରଦାତାଙ୍କ ପକ୍ଷରୁ ଏ.ବି. ରୋହତଗୀ, ଏ. ମରିଆରପୁଥମ୍, ବିନୋଦ ଯାଦବ ଏବଂ ଅରୁଣା ମାଥୁର୍ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ମଞ୍ଜୁର କରାଗଲା ।

ବିଶେଷ ଅନୁମତି ଜରିଆରେ ଦାୟର ଏହି ଅପିଲ, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆର୍.ଏଫ୍.ଏ ସଂଖ୍ୟା 203/1991 ରେ ଅକ୍ଟୋବର 30, 1991 ରେ ପ୍ରଦତ୍ତ ରାୟରୁ ଉଦ୍ଭବ ହୋଇଛି ।

ଦିଲ୍ଲୀ ସହରର ବିକାଶ ପାଇଁ ଜମି ଅଧିଗ୍ରହଣ କରିବା ନିମନ୍ତେ ଜମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ 'ଅଧିନିୟମ') ର ଧାରା 4 (1) ଅଧୀନରେ 27.7.1984 ରେ ଅଧିସୂଚନା ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ ବିଘା ପିଛା 17,000 ଟଙ୍କା ଏବଂ 14,000 ଟଙ୍କା ହାରରେ କ୍ଷତିପୂରଣ ପ୍ରଦାନ କରିଥିଲେ । ବିଚାରାର୍ଥେ ପ୍ରେରଣ ହେବା ପରେ, ଦେୱାନୀ ଅଦାଲତ କ୍ଷତିପୂରଣ ରାଶିକୁ ବିଘା ପିଛା 20,000 ଟଙ୍କା ଏବଂ 25,000 ଟଙ୍କାକୁ ବୃଦ୍ଧି କରିଥିଲେ । ଅପିଲ ହେବା ପରେ, ଏକ ସାଧାରଣ ରାୟ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ ପ୍ରାୟ 161ଟି ଅପିଲର ଫଏସଲା କରିଥିଲେ । ଆମକୁ ଅବଗତ କରାଯାଇଛି ଯେ ସେହି ବ୍ୟାଚ୍‌ର ଏକ ରାୟ ବିରୁଦ୍ଧରେ ଅପିଲ୍ ସଂଖ୍ୟା 871/95 ଦାୟର କରାଯାଇଥିଲା ଏବଂ ଏହି ଅଦାଲତ ବିଳମ୍ବ ତଥା ଯୋଗ୍ୟତା ଆଧାରରେ ବିଶେଷ ଅନୁମତି ଆବେଦନଟିକୁ ଖାରଜ କରିଦେଇଛନ୍ତି । ଯେତେବେଳେ ଆମେ ଅପିଲକାରୀମାନଙ୍କ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ମାମଲାଗୁଡ଼ିକର ସଂଖ୍ୟା ଦେବା ପାଇଁ କହିଲୁ, ଯଦିଓ ମାମଲାଟି ବିଭିନ୍ନ ସମୟରେ ସ୍ଥଗିତ ରଖାଯାଇଥିଲା, ତଥାପି ସେମାନେ ଏହି ଅପିଲ ସହିତ ଫଏସଲା ପାଇଁ ସଂଯୋଗ କରାଯିବାକୁ ଥିବା କୌଣସି ମାମଲା ସଂଖ୍ୟା ଦେବାକୁ ସମର୍ଥ ହୋଇନାହାଁନ୍ତି । ସେହି ଦୃଷ୍ଟିକୋଣରୁ, ପ୍ରାୟ 161ଟି ମାମଲା, ଯାହାକୁ ଆମେ ସାମ୍ପ୍ରତିକ ସମୟ ପାଇଁ 159ଟି ଅପିଲ ଭାବେ ଗ୍ରହଣ କରୁଛୁ, ସେହି ରାୟ ବିରୁଦ୍ଧରେ ଅପିଲଗୁଡ଼ିକୁ ଚୂଡ଼ାନ୍ତ ହେବାକୁ ଅନୁମତି ଦିଆଯାଇଛି; ଯେହେତୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ଗୋଟିଏ ଅପିଲକୁ ପୃଥକ ଭାବେ ଖାରଜ କରାଯାଇଛି, ଆମେ କ୍ଷତିପୂରଣ ହ୍ରାସ କରିବା ପାଇଁ ମାମଲାର ଯୋଗ୍ୟତା ବିଷୟରେ ବିଚାର କରିବାକୁ ମନା କରୁଛୁ । ଏହି ପରିସ୍ଥିତିରେ, ଆମେ ଏହି ଅପିଲଟିକୁ ଖାରଜ କରିବାକୁ ବାଧ୍ୟ ହେଉଛୁ । ଯଦି ଅପିଲକାରୀମାନେ ପରବର୍ତ୍ତୀ ସମୟରେ ଏହା ଦର୍ଶାଇବାକୁ ସମର୍ଥ ହୁଅନ୍ତି ଯେ ବାକି 159ଟି ଅପିଲ ବିରୁଦ୍ଧରେ ଅପିଲ ଦାୟର କରାଯାଇଛି, ତେବେ ସେମାନଙ୍କୁ ଏହି ଅପିଲରେ ପୁନର୍ବିଚାର ଆବେଦନ ଦାୟର କରିବାକୁ ସ୍ୱାଧୀନତା ଦିଆଯାଉଛି ଏବଂ ତାହାକୁ ତଦନୁଯାୟୀ ବିଚାର କରାଯିବା ଉଚିତ ।

ଉପରୋକ୍ତ ନିର୍ଦ୍ଦେଶ ସହିତ ଅପିଲଟିକୁ ତଦନୁଯାୟୀ ଖାରଜ କରାଯାଉଛି ।କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଆର୍.ପି.                                        ଅପିଲଟିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**